Truth in true form

AROUND ODISHA

RNI Regd No: ODIENG/2019/77780 BHUBANESWAR www.aroundodisha.com VOLUME - 2 ISSUE - 306 PRICE- Rs.2/- WEDNESDAY 02 JUN 2021

# Webinar on Cyber Security by IQAC, Central University of Odisha

(A.O. Bureau)

Koraput, Jun 1: A webinar on Cyber Security was organized by the Internal Quality Assurance Cell (IQAC) of the Central University of Odisha through virtual mode on 31.05.2021. The aim of the seminar was to create awareness on varieties of cyber crimes taking place and in its place to various cyber security features that will keep us safe from hackers, cybercriminals, and other agents of fraud in the digital world. Prof. P.S. Avadhani, Visiting Professor, Dept. of Computer Science, CUO (Formerly Director, IIIT, Agartala, Tripura) and Shri Pandit Rajesh Uttamrao, IPS, D.I.G. Police, South-Western Range, Koraput, Odisha delivered lectures as the key speakers on this occasion. Professor I. Ramabrahmam, Vice-Chancellor of the University, inaugurated the webinar and highlighted some of the major cyber threats we faced in our daily lives. He advised we should aware and takes necessary preventive measures against cyber attacks. Prof. Sharat Kumar Palita, Dean, SBCNR & Director, IQAC presided over the program and briefed about the importance of cyber security in the present digital world in his welcome address.




Prof. P.S. Avadhani defined different types of cyber threats like computer viruses, hackers, cyber fraud, cybercriminals, viruses, malawares, ransomwares and cyber agents. He said, "now a day's many people have been victimized by cybercrime and this happens due to lack of our digital knowledge and ignorance on cyber security. Protecting from such threats creates awareness amongst the people on cyber security from school to University level". He advised to keep RFID ATMs in aluminum foil, frequently change the password, give long password instead of short, don't disclose your password, don't give ID numbers to any unauthorized person, use authorized antivirus in computers/laptops, protect the file and computers by giving strong security code, log out all the application before switching off the computers, and not to use cyber café in any financial transaction. Shri Pandit Rajesh Uttamrao, IPS explained how people are victimized by cyber frauds by giving live examples of cyber victims. He said, "in many cases, criminals are caught and many cases criminals escape.

THE SAKALA
sakalaepaper.com
Jeypore - 02 Jun 2021 - Page 4

# ସାଇବର ସୁରକ୍ଷା ଶୀର୍ଷକ ୱେବିନାର

**କୋରାପୁଟ, ୧।୬(ସମିସ):** ବର୍ତ୍ତମାନ ସମୟରେ ଡିଜିଟାଲ ମାଧ୍ୟମ ବ୍ୟବହାର ଏକ ଅପରିହାର୍ଯ୍ୟ ଓ ସହଜ ମାଧ୍ୟମ ହୋଇଥିବାରୁ ଠକେଇ, ହ୍ୟାକର, ସାଇବର ଅପରାଧୀ ଏବଂ ଅନ୍ୟ ଏଜେଣ୍ଟଠାରୁ ଆମକୁ ସୁରକ୍ଷିତ ରଖିବା ଏବଂ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ସେଲ୍ ଦ୍ୱାରା ଭର୍ଚୁଆଲ୍ ମୋଡ୍ ମାଧ୍ୟମରେ ସାଇବର ସୁରକ୍ଷା ଉପରେ ଏକ ୱେବିନାର ଆୟୋଜିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ କମ୍ପ୍ୟୁଟର ବିଜ୍ଞାନ ବିଭାଗର ପରିଦର୍ଶକ ପ୍ରଫେସର ତଥା ତ୍ରିପୁରା ର ଅଗରତାଲା ସ୍ଥିତ ଆଇଆଇଟିର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ପି.ଏସ୍ ଅବଧାନୀ ଏବଂ ଓଡିଶାର ଦକ୍ଷିଣ-ପଶ୍ଚିମ ରେଞ୍ଜ, କୋରାପୁଟ ର ଅତିରିକ୍ତ ପୁଲିସ ମହାନିରୀକ୍ଷକ ଡିଆଇଜି ପଣ୍ଡିତ ରାଜେଶ ଉତ୍ତମରାଓ, ଆଇପିଏସ୍, ଏହି ଅବସରରେ ପ୍ରମୁଖ ବକ୍ତା ଭାବରେ ଯୋଗଦାନ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଆଇ ରାମବ୍ରହ୍ମମ୍ ୱେବିନାରକୁ ଉଦଘାଟନ କରିବା ସହ ଦୈନନ୍ଦିନ ଜୀବନରେ ଲୋକେ ସମ୍ମୁଖୀନ ହେଉଥିବା ପ୍ରମୁଖ ସାଇବର ବିପଦ ଉପରେ ଆଲୋକପାତ କରିଥିଲେ । ସମସ୍ତେ ସଚେତନ ହୋଇ ସାଇବର ଆକ୍ରମଣ ବିରୁଦ୍ଧରେ ଆବଶ୍ୟକ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ । ଜୈବ ବିବିଧତା ଏବଂ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ପ୍ରଫେସର ଶରତ କୁମାର ପଲିତା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବର୍ତ୍ତମାନର ଡିଜିଟାଲ ଦୁନିଆରେ ସାଇବର ସୁରକ୍ଷାର ଗୁରୁତ୍ୱ ବିଷୟରେ ସ୍ୱାଗତ ଅଭିଭାଷଣରେ କହିଥିଲେ।




ଗଣିତ ବିଭାଗର ଭରପ୍ରାପ୍ତ ମୁଖ୍ୟ ଡକ୍ଟର ଜ୍ୟୋତିସ୍କା ଦତ୍ତା, ପ୍ରଫେସର ଅବଧାନୀଙ୍କ ବିଷୟରେ ସୂଚନା ଦେଇଥିବା ବେଳେ ପରିସଂଖ୍ୟାନ ବିଭାଗର ଭରପ୍ରାପ୍ତ ମୁଖ୍ୟ ଡକ୍ଟର ମହେଶ କୁମାର ପଣ୍ଡା, ଶ୍ରୀ ଉତ୍ତମରାଓଙ୍କ ବିଷୟରେ ସୂଚନା ଦେଇଥିଲେ । ପରୀକ୍ଷା ନିୟନ୍ତ୍ରକ ଡକ୍ଟର ରାମ ଶଙ୍କର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବହୁ ସଂଖ୍ୟକ ଛାତ୍ର-ଛାତ୍ରୀ, ଅଧ୍ୟାପକ, ଅଧିକାରୀ ଏବଂ କର୍ମଚାରୀଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର କୁଳ ସଚିବ ପ୍ରଫେସର ଅସିତ କୁମାର ଦାସ ଏବଂ ଲୋକ ସମ୍ପର୍କ ଅଧିକାରୀ ଡକ୍ଟର ଫଗୁନାଥ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

RNI REGD NO: ODIODI/2011/37619 - POSTAL REGD NO: BN/208/18-20



କେନ୍ଦ୍ର ଶିକ୍ଷାମନ୍ତ୍ରୀ
ଏମ୍ସରେ ଭର୍ତ୍ତି
(ପୃଷ୍ଠା:୭)

ପ୍ରମେୟ
THE PRAMEYA
VOLUME 11 ● ISSUE 32 ବର୍ଷ ୧୧ ● ସଂଖ୍ୟା ୩୨
2 JUNE 2021 WEDNESDAY ୨ ଜୁନ୍ ୨୦୨୧ ବୁଧବାର
www.prameya.com prameyaodia prameyaodia

ଖବରକାଗଜ ସମ୍ପୂର୍ଣ୍ଣ ସୁରକ୍ଷିତ



ଖବରକାଗଜ କରୋନା ଭୂତାଣୁ ସମ୍ପର୍କରେ ଟିକିନିଖି ଖବର ବାଣ୍ଟେ, ଭୂତାଣୁ ବାଣ୍ଟେନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ଖବରକାଗଜକୁ କରୋନା ବାହକ ନୁହେଁ ବୋଲି କହିସାରିଛି। ନିଶ୍ଚିତ ମନରେ ଖବରକାଗଜ ପଢ଼ନ୍ତୁ। କରୋନାକୁ ଜାଣନ୍ତୁ ଓ ଜିତନ୍ତୁ।

- ପ୍ରମେୟ ପରିବାର

JEYPORE ଜୟପୁର PRINTED AT BHUBANESWAR SAMBALPUR PANIKOILI 12 PAGES ₹7.00

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ୱେବିନାର୍

# ସାଇବର ସୁରକ୍ଷା ନେଇ ଶିକ୍ଷିତ ହେବାକୁ ପଡ଼ିବ




କୋରାପୁଟ,୧/୬(ଆପ୍ର): ବର୍ତ୍ତମାନ ହେଉଛି ଡିଜିଟାଲ୍‌ର ଯୁଗ। ଏହା ମଣିଷ ପାଇଁ ସହଜ ସାଧନ ଓ ଅପରିହାର୍ଯ୍ୟ ହୋଇପଡିଛି। ହେଲେ ଅନଏଥିକଲ୍ ହ୍ୟାକର ଓ ସାଇବର ଅପରାଧୀମାନେ ବିଭିନ୍ନ ଉପାୟରେ ଲୋକଙ୍କୁ ଠକୁଛନ୍ତି। ଆଖି ପିଛୁଳାକେ ସେମାନଙ୍କ କଷ୍ଟୋପାର୍ଜିତ ଧନ, ଜ୍ଞାନ ସବୁକିଛି ଲୁଟିନେଉଛନ୍ତି। ତେଣୁ ସାଇବର ସୁରକ୍ଷା ନେଇ ସମସ୍ତଙ୍କୁ ଶିକ୍ଷିତ ହେବାକୁ ପଡିବ। ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଭାର୍ଚୁଆଲ ମୋଡ୍ ମାଧ୍ୟମରେ ଆୟୋଜିତ ସାଇବର ସୁରକ୍ଷା ୱେବିନାର୍‌ରେ ଏଭଳି ମତ ଦେଇଛନ୍ତି ବକ୍ତାମାନେ। କୁଳପତି ପ୍ର. ଆଇ.ରାମବ୍ରହ୍ମମ୍ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିବା ବେଳେ ତ୍ରିପୁରା ଅଗରତାଲା ଆଇଆଇଟି ପୂର୍ବତନ ନିର୍ଦ୍ଦେଶକ ପ୍ର.ପି.ଏସ.ଅବଧାନୀ ଓ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ପଣ୍ଡିତ ରାଜେଶ ଉତ୍ତମରାଓ ବକ୍ତାଭାବେ ଯୋଗଦେଇଥିଲେ।

ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ସେଲ୍ ନିର୍ଦ୍ଦେଶକ ତଥା ଜୈବ ବିବିଧତା ବିଭାଗୀୟ ମୁଖ୍ୟ ପ୍ର.ଶରତକୁମାର ପଳିତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁଳପତି ନିଜ ଉଦ୍‌ଘାଟନୀ ବକ୍ତବ୍ୟରେ ଦୈନନ୍ଦିନ ଜୀବନରେ ଆମେ ସାମ୍ନା କରୁଥିବା କେତେକ ପ୍ରମୁଖ ସାଇବର ବିପଦ ଉପରେ ଆଲୋକପାତ କରି ଏହି ଆକ୍ରମଣ ବିରୋଧରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ସେହିପରି ପ୍ର.ଅବଧାନୀ କମ୍ପ୍ୟୁଟର ଭାଇରସ, ହ୍ୟାକର, ସାଇବର ଠକେଇ, ସାଇବର ଏଜେଣ୍ଟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଡିଜିଟାଲ ଜ୍ଞାନର ଅଭାବ ହେତୁ ଲୋକେ ସାଇବର ଅପରାଧର ଶିକାର ହେଉଥିବା ସେ କହିଥିଲେ। ଏହି ବିପଦରୁ ନିଜକୁ ସୁରକ୍ଷିତ ରଖିବାକୁ ହେଲେ ବିଦ୍ୟାଳୟସ୍ତରରୁ ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ସଚେତନତା ସୃଷ୍ଟି କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଅନ୍ୟତମ ବକ୍ତା ଡିଆଇଜି ଶ୍ରୀ ରାଓ ସାଇବର ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ସାଇବର ସୁରକ୍ଷା ବିଷୟରେ ନିଜକୁ ଶିକ୍ଷିତ କରିବାକୁ ପଡିବ ବୋଲି କହିଥିଲେ। ଯଦି ଜଣେ ବ୍ୟକ୍ତି ଏହି ଅପରାଧର ଶିକାର ହୁଏ, ତେବେ ଗୋଲ୍ଡେନ୍ ଆୱାର ରୁଲ୍ ଅନୁସରଣ କରି ତୁରନ୍ତ ପ୍ରମାଣ ସହ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ କିମ୍ବା ସାଇବର ପୁଲିସ ନିକଟରେ ଅଭିଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗଣିତ ବିଭାଗ ମୁଖ୍ୟ ଡ.ଜ୍ୟୋତିସ୍କା ଦତ୍ତା, ପରିସଂଖ୍ୟନ ବିଭାଗ ମୁଖ୍ୟ ଡ.ମହେଶ କୁମାର ପଣ୍ଡା, ପରୀକ୍ଷା ନିୟନ୍ତ୍ରକ ଡ.ରାମ ଶଙ୍କର, କୁଳସଚିବ ପ୍ର.ଅସିତ କୁମାର ଦାସ, ଲୋକସମ୍ପର୍କ ଅଧିକାରୀ ଡ.ଫଗୁନାଥ ଭୋଇଙ୍କ ସମେତ ବହୁ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।

SAGAR CEMENT
ସଲିଡ୍ ସିମେଣ୍ଟ ମାନେ ସଲିଡ୍ ଘର ।
C & F Agent
KUTHARI AGENCY
RLY. GOODS SHED ROAD, BERHAMPUR-8
Mob.: 9437160030

THE ANUPAM BHARAT
ଅନୁପମ ଭାରତ
www.anupambharatonline.com

Contact for:
CTP & MULTI COLOUR PRINTING
-: ADDRESS :-
VIJAYA PRINTERS
2/5, Industrial Estate,
Berhampur, Ganjam
Mob: 9938123461, 9040044928

# ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସାଇବର ସୁରକ୍ଷା ଶୀର୍ଷକ ଅନଲାଇନ ଆଲୋଚନାଚକ୍ର

କୋରାପୁଟ,୧୬(ଅନୁପମ ମିଡିଆ): ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସାଇବର ସୁରକ୍ଷା ଶୀର୍ଷକ ଏକ ଅନଲାଇନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି ।ବର୍ତମାନ ସମୟରେ ଡିଜିଟାଲ ମାଧ୍ୟମ ବ୍ୟବହାର ଏକ ଅପରିହାର୍ଯ୍ୟ ଓ ସହଜସାଧ୍ୟ ମାଧ୍ୟମ ହୋଇଥିବାରୁ ଠକେଇ ,ହ୍ୟାକର , ସାଇବର ଅପରାଧୀ ଏବଂ ଅନ୍ୟ ଏଜେଂଟମାନଙ୍କଠାରୁ ଆମକୁ ସୁରକ୍ଷିତ ରଖିବା ଏବଂ ସଚେତନତା ସୃଷ୍ଟି କରିବାର ଉଦ୍ଦେଶ୍ୟ ନେଇ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଗୁଣବତା ନିଶ୍ଚିତତା ସେଲ ଦ୍ୱାରା ଅନଲାଇନ ମାଧ୍ୟମରେ ସାଇବର ସୁରକ୍ଷା ଉପରେ ଏକ ଆଲୋଚକ୍ର ଅନୁଷ୍ଠିତ ହୋଇଯାଇଛି ।ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଆଇ.ରାମବ୍ରହ୍ମମ ଅନଲାଇନ ଆଲୋଚନାଚକ୍ରକୁ ଉଦଘାଟନ କରିବା ସହ ଆମର ଦୈନନ୍ଦିନ ଜୀବନରେ ଆମେ ସମ୍ମୁଖୀନ ହେଉଥିବା କେତେକ ପ୍ରମୁଖ ସାଇବର ବିପଦ ଉପରେ ଆଲୋକପାତ କରିଥିଲେ ।ଆମ୍ଭେମାନେ ସଚେତନ ହୋଇ ସାଇବର ଆକ୍ରମଣ ବିରୁଦ୍ଧରେ ଆବଶ୍ୟକ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ । ଗୋଲ୍ଡେନ ଆଓାର ରୁଲ ଅନୁସରଣ କରିବାକୁ ଅର୍ଥାତ ତୁରନ୍ତ ପ୍ରମାଣ ସହ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ କିମ୍ୱା ସାଇବର ପୋଲିସ ନିକଟରେ ଅଭିଯୋଗ ଦାଖଲ କରିବାକୁ ଦକ୍ଷିଣ–ପଶ୍ଚିମାଂଚଳ ଡିଆଇଜି ପଣ୍ଡିତ ରାଜେଶ ଉତମରାଓ ବକ୍ତାଭାବେ ଯୋଗଦେଇ ଆଲୋକପାତ କରିଥିଲେ । ଯେତେବେଳେ କୌଣସି ଅଜଣା ବ୍ୟକ୍ତି ଫୋନରେ କିଛି ତଥ୍ୟ ମାଗୁଛନ୍ତି ତାଙ୍କଠାରୁ ଦୂରେଇ ରହିବାକୁ ସେ ପରାମର୍ଶ ଦେଇଥିଲେ ।ଡିଜିଟାଲ ଜ୍ଞାନର ଅଭାବ ଓ ଅଜ୍ଞତା ହେତୁ ବର୍ତମାନ ଅନେକ ଲୋକ ସାଇବର ଅପରାଧର ଶୀକାର ହେଉଥିବା ବିଶ୍ୱବିଦ୍ୟାଳୟ କମ୍ପ୍ୟୁଟର ବିଭାଗର ପରିଦର୍ଶକ ପ୍ରଫେସର ପି.ଏସ.ଅବଧାନୀ ଅନ୍ୟତମ ବକ୍ତାଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ ।ଏହିପରି ସାଇବର ବିପଦରୁ ରକ୍ଷା ନିମନ୍ତେ ସାଇବର ସୁରକ୍ଷା ଉପରେ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟସ୍ତର ପର୍ଯ୍ୟନ୍ତ ସଚେତନତା ସୃଷ୍ଟି କରିବା ପାଇଁ ସେ ଗୁରୁତ୍ୱାରୋପ କରିଥିଲେ ।ଜୈବ ବିବିଧତା ଏବଂ ପ୍ରାକୃତିକ ସଂପଦ ସଂରକ୍ଷଣ ବିଦ୍ୟାଳୟର ଡିନ ଶରତ କୁମାର ପଲିତାଙ୍କ ଅଧ୍ୟକ୍ଷତାରେ ଅନଲାଇନ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା ।ଗଣିତ ବିଭାଗର ଭାରପ୍ରାପ୍ତ ମୁଖ୍ୟ ଡ.ଜ୍ୟୋତିଷ୍କା ଦତା ପ୍ରଫେସର ଅବଧାନୀଙ୍କ ବିଷୟରେ ସୂଚନା ଦେଇଥିବା ବେଳେ ପରିସଂଖ୍ୟାନ ବିଭାଗର ଭାରପ୍ରାପ୍ତ ମୁଖ୍ୟ ଡ.ମହେଶ କୁମାର ପଣ୍ଡା ଶ୍ରୀ ଉତମରାଓଙ୍କ ବିଷୟରେ ସୂଚନା ଦେଇଥିଲେ ।ପରୀକ୍ଷା ନିୟନ୍ତ୍ରକ ଡ.ରାମ ଶଙ୍କର ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଆଲୋଚନା ଚକ୍ରରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ , ଅଧ୍ୟାପକ,ଅଧିକାରୀ ଏବଂ କର୍ମଚାରୀଙ୍କ ସହ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ଅସିତ କୁମାର ଦାସ ଏବଂ ଲୋକ ସଂପର୍କ ଅଧିକାରୀ ଡ.ଫଗୁନାଥ ଭୋଇ ଉପସ୍ଥିତ ଥିଲେ ।

101 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2021-2023

- Koraput, Wednesday 2 June 2021
- କୋରାପୁଟ, ବୁଧବାର ୨ ଜୁନ୍ ୨୦୨୧
- ଆଜି ବୃଷ ୧୯ ଦିନ, ୧୪୨୮ ସାଲ
- ଜ୍ୟେଷ୍ଠ ୧୨ ଦିନ, ୧୯୪୩ ଶକାବ୍ଦ, କୃଷ୍ଣପକ୍ଷ ଅଷ୍ଟମୀ
- ଭାଗ- ୯୨ ସଂଖ୍ୟା- ୧୪୯
- www.thesamaja.com
  www.samajaepaper.com
  www.samajalive.in

ଟ ୬.୦୦ (୧୨ ପୃଷ୍ଠା)

ସମାଜ®
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁଦାସ
PRINTED AT CUTTACK, SAMBALPUR, BALESWAR, VISAKHAPATNAM

କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।
ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ।।
(ଶ୍ରୀମଦ୍ ଭଗବଦ୍ ଗୀତା)



ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ କର୍ମେନ୍ଦ୍ରିୟମାନଙ୍କୁ ବଳପୂର୍ବକ ରୁଦ୍ଧ କରିଦେଇ ମନ ଦ୍ୱାରା ସେହି ଇନ୍ଦ୍ରିୟମାନଙ୍କର ବିଷୟ ଚିନ୍ତା କରୁଥାଏ, ତାହାକୁ ମିଥ୍ୟାଚାରୀ ବୋଲି କୁହାଯାଏ ।

# ସାଇବର ସୁରକ୍ଷା ଶୀର୍ଷକ କର୍ମଶାଳା

ସୁନାବେଡ଼ା,୧।୬ (ନି.ପ୍ର.)-କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାଇବର ସୁରକ୍ଷା ଶୀର୍ଷକ ଏକ ଆଭାସୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳର କମ୍ପ୍ୟୁଟର ବିଜ୍ଞାନ ବିଭାଗର ପରିଦର୍ଶକ ପ୍ରଫେସର ତଥା ତ୍ରିପୁରାର ଅଗରତାଲାସ୍ଥିତ ଆଇଆଇଆଇଟିର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ପି.ଏସ୍ ଅବଧାନୀ, ଏବଂ ଦକ୍ଷିଣ-ପଶ୍ଚିମାଞ୍ଚଳର ଅତିରିକ୍ତ ପୁଲିସ ମହାନିରୀକ୍ଷକ (ଡିଆଇଜି) ପଣ୍ଡିତ ରାଜେଶ ଉତ୍ତମରାଓ ପ୍ରମୁଖ ବକ୍ତା ଭାବରେ ବକ୍ତୃତା ପ୍ରଦାନ କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଆଇ ରାମବ୍ରହ୍ମମ୍ କର୍ମଶାଳାକୁ ଉଦଘାଟନ କରିବା ସହ ଆମର ଦୈନନ୍ଦିନ ଜୀବନରେ ଆମେ ସମ୍ମୁଖୀନ ହେଉଥିବା କେତେକ ପ୍ରମୁଖ ସାଇବର ବିପଦ ଉପରେ ଆଲୋକପାତ କରିଥିଲେ । ସାଇବର ଆକ୍ରମଣ ବିରୋଧରେ ଆବଶ୍ୟକ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ। ଜୈବ ବିବିଧତା ଏବଂ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ପ୍ରଫେସର ଶରତ କୁମାର ପଲିତା ଅଧ୍ୟକ୍ଷତା କରି ବର୍ତ୍ତମାନର ଡିଜିଟାଲ ଦୁନିଆରେ ସାଇବର ସୁରକ୍ଷାର ଗୁରୁତ୍ୱ ବିଷୟରେ ସୂଚନା ଦେଇଥିଲେ। ପ୍ରଫେସର ପି.ଏସ୍ ଅବଧାନୀ ବିଭିନ୍ନ ପ୍ରକାରର ସାଇବର ବିପଦ ଉପରେ ବୁଝାଇ ତାର ସମାଧାନ ଉପାୟ ବୁଝାଇଥିଲେ । ଡିଆଇଜି ଶ୍ରୀ ଉତ୍ତମରାଓ ସାଇବର ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ଲୋକଙ୍କୁ ସାଇବର ସୁରକ୍ଷା ବିଷୟରେ ନିଜକୁ ଶିକ୍ଷିତ କରାଯିବା ଆବଶ୍ୟକ। ତୁରନ୍ତ ପ୍ରମାଣ ସହ ଜିଲାର ଆରକ୍ଷୀ ଅଧୀକ୍ଷକ କିମ୍ବା ସାଇବର ପୁଲିସ୍ ନିକଟରେ ଅଭିଯୋଗ ରିପୋର୍ଟ ଦାଖଲ କରିବାକୁ ପରାମର୍ଶ ଦେଇଥିଲେ। ଯେତେବେଳେ କୌଣସି ଅଜଣା ବ୍ୟକ୍ତି ଫୋନରେ କିଛି ତଥ୍ୟ ମାଗୁଛନ୍ତି ତାଙ୍କ ଠାରୁ ଦୂରେଇ ରହିବା ଏବଂ ତାଙ୍କୁ ଏକ ଇମେଲ୍ ଲେଖିବାକୁ କହିବାକୁ କହିଛନ୍ତି। ଗଣିତ ବିଭାଗର ଭରପ୍ରାପ୍ତ ମୁଖ୍ୟ ଡକ୍ଟର ଜ୍ୟୋତିଷ୍ମା ଦତ୍ତା, ପ୍ରଫେସର ଅବଧାନୀଙ୍କ ବିଷୟରେ ସୂଚନା ଦେଇଥିବା ବେଳେ ପରିସଂଖ୍ୟାନ ବିଭାଗର ଭରପ୍ରାପ୍ତ ମୁଖ୍ୟ ଡକ୍ଟର ମହେଶ କୁମାର ପଣ୍ଡା, ଶ୍ରୀ ଉତ୍ତମରାଓଙ୍କ ବିଷୟରେ ସୂଚନା ଦେଇଥିଲେ । ପରୀକ୍ଷା ନିୟନ୍ତ୍ରକ ଡକ୍ଟର ରାମ ଶଙ୍କର ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳ ସଚିବ ପ୍ରଫେସର ଅସିତ କୁମାର ଦାସ ଏବଂ ଲୋକ ସମ୍ପର୍କ ଅଧିକାରୀ ଡକ୍ଟର ଫଗୁନାଥ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

Web link:

http://odishastatenews.com/post.php?read=10888#.YLZsXBrmwe4.whatsapp

https://m.dailyhunt.in/news/india/oriya/odia+pua-epaper-odia/odisha+kendriya+bishvbidyalayare+saibara+suraksha+shirshaka+analaina+aalochanachakra-newsid-n285747010?s=a&uu=0xea23f5e648584350&ss=wsp

https://www.prameyanews.com/cuo-organises-webinar-on-cyber-security-by-iqac/